ଶନିବାର, ୨୮ ଡିସେମ୍ବର, ୨୦୨୪

# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

ମିକୁ, ଟିକୁ ଦୁଇ ଭାଇ ଗୋଟିଏ କ୍ଲାସ୍‌ରେ ପଢୁଥିଲେ। ଶିକ୍ଷକ: ତୁମେ ଦୁଇଜଣ ବାପାଙ୍କ ନାମ ଅଲଗା ଅଲଗା କାହିଁକି ଲେଖିଛ ?
ମିକୁ: ମିସ୍, ଆମେ ଯଦି ଗୋଟିଏ ନାଁ ଲେଖିଥାନ୍ତୁ ଆପଣ କହିଥାନ୍ତେ କି ଆମେ କପି କରିଛୁ !

ଜଣେ ନେତା ଚାଷୀଙ୍କୁ ଭେଟିବାକୁ କ୍ଷେତକୁ ଗଲେ। ସେଠାରେ ସେ ଚାଷୀଙ୍କୁ ଦେଖି କହିଲେ– ଆରେ ଭାଇ, ତୁମ ପାଦ ତଳେ ଏତେ ମାଟି କେମିତି ଲାଗିଲା ?
ଚାଷୀ: ସାହେବ, କ୍ଷେତରେ ମାଟି ଅଛି ନା ?
ନେତା: ହଉ ତୁମେ ଚିନ୍ତା କରନା, ମୁଁ ଯଦି ଇଲେକ୍‌ଶନରେ ଜିତିବି ସବୁଯାକ ଜମି ସିମେଣ୍ଟ କରିଦେବି।

ଦୁଇଜଣ କଏଦୀ ମଧ୍ୟରେ କଥାବାର୍ତ୍ତା
ପ୍ରଥମ କଏଦୀ : ଆରେ ଭାଇ ତୁମକୁ ଦେଖା କରିବାକୁ କେହି ତୁମର ସମ୍ପର୍କୀୟ ଆସୁ ନାହାନ୍ତି ?
ଦ୍ୱିତୀୟ କଏଦୀ: ଏହାର କେବେ ଆବଶ୍ୟକତା ପଡିନି, ମୋର ଅଧିକାଂଶ ସମ୍ପର୍କୀୟ ତ ଏହି ଜେଲ୍‌ରେ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଆଈ ପାଇଁ ଉପହାର

ଗପ



ସାତ ବର୍ଷର ମା'ବାପା ଛେଉଣ୍ଡ ବାବୁଲା, ଅଣ୍ଟା ନଇଁ ଯାଇଥିବା ଆଈ ବୁଢ଼ୀ ସାଙ୍ଗରେ ରହେ। ବାପାଙ୍କୁ ସେ ପିଲାଟି ଦିନରୁ ଦେଖିନାହିଁ। ମା' ତାକୁ ବହୁତ ଗେଲ କରୁଥିଲା। ପର ଘରେ ବାସନକୁସନ ମାଜି ଘରକୁ ଦୁଇ ପଇସା ଆଣୁଥିଲା। ହେଲେ ଅଜଣା ରୋଗରେ ଦିନେ ସେ ଆଖି ବୁଜିଦେଲା।

ଗାଁ ଲୋକଙ୍କ ସହ ମେଳା ଦେଖିବାକୁ ଯିବ ବୋଲି ଆଈ ବୁଢୀ ପାଖରେ କାଲିଠୁ ବାବୁଲା ନେହୁରା ହେଉଛି। ବହୁତ ଭାବିଲା ପରେ ଆଈ ରାଜି ହେଲା। ବାବୁଲା ବଡି ଭୋରରୁ ଉଠିପଡି ଆଈଙ୍କୁ ଉଠାଇଲା। ଆଈ ଗାଧୁଆପାଧୁଆ ସାରି ସିଲଭର କଂସାରେ ପଖାଳ ବାଢିଦେଲା। ବାବୁଲା ପେଟ ଭରି ଖାଇଲା। ଆଉ ଶାଗ ବିକ୍ରି କରି ରଖିଥିବା କୋଡିଏ ଟଙ୍କା ବାବୁଲାକୁ ଦେଇ କହିଲା, ଦେଖ ପୁଅ, ଶମ୍ଭୁ କକାଙ୍କୁ ମୁଁ କହିଦେଇଛି। ତୁ ଛୋଟ ପିଲା, ସେମାନଙ୍କ ମେଳ ଜମା ଛାଡ଼ିବୁ ନାହିଁ। ଏଇ ଟଙ୍କା ଦେଖିଚାହିଁ ଖର୍ଚ୍ଚ କରିବୁ। ଆଈର ସବୁ କଥାରେ ହଁ ମାରି ବାବୁଲା ବାହାରି ପଡିଲା।

ବାବୁଲା ଜୀବନରେ ଏହା ହେଉଛି ପ୍ରଥମ ମେଳା ଦେଖା। ଶେଷରେ ସମସ୍ତେ ମେଳା ପଡିଆରେ ପହଞ୍ଚିଗଲେ। କେତେ ରକମର ଖେଳଣା, ଜଳଖିଆ ଦୋକାନ। ପୁଣି ଏତେ ବଡ଼ ଜିଲାପି ବାବୁଲା କେବେ ଦେଖି ନ ଥିଲା। ପିଲାମାନେ ସମସ୍ତେ ଚାଟ୍ ଖାଇଲେ। କିନ୍ତୁ ବାବୁଲା ଚୁପ୍‌ଚାପ ଠିଆ ହେଲା। ସେ ତ ଘରୁ ପୂରା ପେଟେ ପଖାଳ ଖାଇ ଆସିଥିଲା। ସେ ଚାହୁଁଥିଲା କିଛି ଭଲ ଜିନିଷ କିଣିବା ପାଇଁ। ତା' ପରେ ପିଲାମାନେ ରାମଦୋଳିରେ ବସିଲେ। ନାଇଁ ନାଇଁ ଏଥିରେ ମୋର ମୁଣ୍ଡ ବୁଲେଇବ, ବାନ୍ତି ହେବ, ମୁଁ ବସିବି ନାହିଁ। ଏମିତି ମନକୁ ବୁଝାଇ ଦେଲା।

ଭାବିଲା ଗୁପ୍‌ଚୁପ ଖାଇବ। କିନ୍ତୁ ପାଖରେ ଯାଇ ଦେଖିଲାରୁ ତାକୁ ଅସନା ଲାଗିଲା। ଭାବିଲା ସାଙ୍ଗମାନେ ଖାଆନ୍ତୁ। ଖାଡା ବାନ୍ତି ହେଲେ ମୋର କିଏ ଯେ ଅଛି? ବିଚରା ଆଈ ବୁଢ଼ୀ। ନଇଁ ନଇଁ କାହାକୁ ନେହୁରା ହେବ!

ଏଥର ଖେଳଣା ଦୋକାନ। କିଏ ଏରୋପ୍ଲେନ କିଣିଲାଣି ତ କିଏ ବସ୍, କିଏ କଣ୍ଢେଇ କିଣିଲାଣି ତ କିଏ ବନ୍ଧୁକ। ଇଏ ସବୁ ଦୁଇ ଦିନରେ ଭାଙ୍ଗି ଯିବ। ମୁଁ କାହିଁକି ଅଯଥାରେ ଖର୍ଚ୍ଚ କରିବି? ବାବୁଲା ଏ କଥା ଚିନ୍ତା କରୁଥାଏ। ସମସ୍ତେ ଆଇସ୍‌କ୍ରିମ କିଣି ଖାଇଲେ। ହେଲେ ବାବୁଲା ଭାବିଲା ଆଇସ୍‌କ୍ରିମ ଖାଇଲେ ଥଣ୍ଡା ଜ୍ୱର ହେବ।

ଏମିତି ବୁଲୁ ବୁଲୁ କେତେବେଳେ ଦିନ ତିନିଟା ବାଜିଗଲାଣି। ଶମ୍ଭୁ କକା କହିଲେ, ଆଉ ଦଶ ମିନିଟ ଭିତରେ ଆମେ ସମସ୍ତେ ଫେରିବା। ବାବୁଲାର ମନ ଦୁଃଖ ହେଲା ସେ କିଛି କିଣି ନ ଥିଲା। ହଠାତ୍ ଦେଖିଲା ଗୋଟିଏ ଦୋକାନରେ ବଙ୍କୁଲି ବାଡ଼ି ବନ୍ଧା ହୋଇ ରହିଛି। ମନେ ମନେ ଭାବିଲା, ଯଦି ଆଈ ପାଇଁ ଏଇ ବଙ୍କୁଲି ବାଡ଼ି ନେଇଯିବି, ତାହା ହେଲେ ସେ ହାତରେ ବାଡ଼ି ଧରି ସିଧା ହୋଇ ଚାଲିବ। ତାକୁ ଆଉ କଷ୍ଟ ହେବ ନାହିଁ। ଗୋଟିଏ ସୁନ୍ଦର ବଙ୍କୁଲି ବାଡ଼ି ପସନ୍ଦ କରି ଦାମ୍ ପଚାରିଲା। ତିରିଶ ଟଙ୍କା ପଡ଼ିବ। ମୋ ପାଖରେ କୋଡ଼ିଏ ଟଙ୍କା ଅଛି। ଦବ ଯଦି ଦିଅ ନ ହେଲେ ନାହିଁ। ଦୋକାନୀଠାରୁ ଉତ୍ତର ଶୁଣିବା ଆଗରୁ ବାବୁଲା ସେଠାରୁ ଯିବା ପାଇଁ ବାହାରିଲା।

ଦୋକାନୀ କ'ଣ ଭାବିଲା କେଜାଣି, କହିଲା – ହଉ କୋଡିଏ ଟଙ୍କା ଦେଇ ନେଇ ଯା।

ବାବୁଲା କୋଡିଏ ଟଙ୍କା ଦେଇ ବଙ୍କୁଲି ବାଡ଼ିଟି କାନ୍ଧରେ ରଖି ଆସିଲା। ଗାଁରେ ପହଞ୍ଚିଲା ବେଳକୁ ଦାଣ୍ଡରେ ଆଈ ବୁଢ଼ୀ ବାବୁଲାକୁ ଚାହିଁ ରହିଥିଲା। ନାତିକୁ ଦେଖି କୁଣ୍ଢାଇ ପକାଇଲା। ହାତରେ ଥିବା ବଙ୍କୁଲି ବାଡ଼ି ଦେଖି କହିଲା – ଆରେ ଟୋକା ଇଏ କ'ଣ, କେଉଁଠୁ ଆଣିଲୁ? ଆଈ ମେଳା ପଡିଆରୁ ଆଣିଲି। ତୁ ଦେଇଥିବା କୋଡିଏ ଟଙ୍କା ଦେଇକି ଆଣିଲି। ଦୋକାନୀ କିନ୍ତୁ ତିରିଶ ଟଙ୍କା କହୁଥିଲା। ବାବୁଲା ଉତ୍ତର ଦେଲା। ତା' ହେଲେ ତୁ କିଛି ଖାଇନୁ। ଆଈ ପଚାରିଲା। ନାଇଁ ଆଈ ମୁଁ ତ ପେଟ ପୂରା ପଖାଳ ଖାଇ ଘରୁ ଯାଇଥିଲି। ଆଉ ଯଦି ଖାଇ ଥାନ୍ତି ତାହାହେଲେ ତୋ ପାଇଁ ଏଇ ବଙ୍କୁଲି ବାଡ଼ିଟି କେମିତି ଆଣିଥାନ୍ତି? ବୁଝିଲୁ ତୁ ଆଉ ରାସ୍ତାରେ ନଇଁ ନଇଁ ଚାଲିବୁନି। ଆଈ ବାଡ଼ିଟିକୁ ଧରି ଚାଲିବାକୁ ଆରମ୍ଭ କଲା। ବଡ଼ ଆରାମ ଲାଗୁଥାଏ। ଆଈର ଆଖିରୁ ଲୁହ ଝରି ଆସିଲା। ସେ ବସି ପଡ଼ି ବାବୁଲାକୁ କୋଳେଇ ନେଲା। ଆଈର ଖୁସି ଦେଖି ବାବୁଲା କହିଲା ଆଈ ବେଗେ କ'ଣ ଅଛି ଦି'ଟା ଦେଲୁ ଭାରି ଭୋକ ହେଲାଣି।

**– ନିଝାର ଅଲ୍ଲୀ ଦାମାନି**
ମିଶ୍ରପଡ଼ା, ହାକିମପଡା, ଅନୁଗୋଳ
ମୋ: ୯୮୫୩୩୫୩୭୦୬

# ମସ୍‌ଜିଦ ନ ଥିବା ଦେଶ

ସବୁ ଧର୍ମର ଲୋକଙ୍କୁ ନିଜ ନିଜ ଧର୍ମ ଅନୁସାରେ ଧର୍ମସ୍ଥଳୀ ନିର୍ମାଣ କରିବାର ଅନୁମତି ରହିଛି। ଆମ ଦେଶ ଭଳି ବିଭିନ୍ନ ଦେଶରେ ଏଭଳି ନିୟମ ରହିଛି। କିନ୍ତୁ ଏମିତି ନିୟମର ବ୍ୟତିକ୍ରମ ଦେଶ ମଧ୍ୟ ରହିଛି, ଯେଉଁଠି ଗୋଟିଏ ହେଲେ ମସ୍‌ଜିଦ ନାହିଁ। ଏହି ଦେଶ ହେଉଛି ଭୁଟାନ।

ଭୁଟାନରେ ବହୁ ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟର ଲୋକେ ଅଛନ୍ତି, ମାତ୍ର ସେମାନଙ୍କ ପାଇଁ ଏଠାରେ ଗୋଟିଏ ହେଲେ ମସ୍‌ଜିଦ ନିର୍ମାଣ କରାଯାଇ ନାହିଁ। ଏହାର କାରଣ ହେଉଛି ଭୁଟାନରେ ମୁସଲମାନ ସମ୍ପ୍ରଦାୟ ଲୋକଙ୍କୁ ମସ୍‌ଜିଦ ନିର୍ମାଣ କରିବାର ଅନୁମତି ନାହିଁ। ସେଥିପାଇଁ ସେଠାରେ ଥିବା ସମସ୍ତ ମୁସ୍‌ଲିମ ନିଜ ନିଜ ଘରେ ହିଁ ନମାଜ ପାଠ କରନ୍ତି। ଭୁଟାନରେ ଅଧିକାଂଶ ବୌଦ୍ଧ ଧର୍ମର ଲୋକେ ବସବାସ କରନ୍ତି। ସେଥିପାଇଁ ଏଠାରେ ପ୍ରାୟତଃ ବୌଦ୍ଧ ମନ୍ଦିର ହିଁ ଦେଖିବାକୁ ମିଳେ।

ଜନସଂଖ୍ୟା ଅନୁସାରେ ଭୁଟାନ ଏକ ଛୋଟ ଦେଶ। ଏହାର ଜନସଂଖ୍ୟା ୭ ରୁ ୮ ଲକ୍ଷ ମଧ୍ୟରେ। ବୌଦ୍ଧଙ୍କ ପରେ ଏଠାରେ ହିନ୍ଦୁ ଧର୍ମର ଲୋକେ ହିଁ ଅଧିକ ବସବାସ କରନ୍ତି। ତେଣୁ କେତେକ ଅଞ୍ଚଳରେ ହିନ୍ଦୁ ମନ୍ଦିର ଓ ମଠ ମଧ୍ୟ ଦେଖାଯାଏ। ଭୁଟାନର ସମ୍ବିଧାନ ଅନୁସାରେ ସେଠାରେ ରହୁଥିବା ପ୍ରତ୍ୟେକ ନାଗରିକଙ୍କୁ ଧାର୍ମିକ ସ୍ୱତନ୍ତ୍ରତା ଦିଆଯାଇଛି, କିନ୍ତୁ କାହାକୁ ବି ଧର୍ମ ପରିବର୍ତ୍ତନର ଅନୁମତି ନାହିଁ। ତେବେ ଭୁଟାନ ଭଳି ଆଉ ଏକ କ୍ଷୁଦ୍ର ଦେଶ ମୋନାକୋ ଏବଂ ୟୁରୋପର ସ୍ଲୋଭାକିଆରେ ମଧ୍ୟ ଆଦୌ ମସ୍‌ଜିଦ ନାହିଁ।



# ମତାମତ

- ଜଣା ଅଜଣାରେ ବିଭିନ୍ନ ବିଷୟରେ ତଥ୍ୟ ଜାଣିବାକୁ ମିଳୁଛି।
  **– ରୋଶନୀ ନାୟକ, ବୁଢ଼ାରଜା, ସମ୍ବଲପୁର**
- କବିତାଗୁଡ଼ିକ ବେଶ୍ ମନଛୁଆଁ ହୋଇପାରିଛି।
  **– ରାଜନ୍ ମହାନ୍ତି, ନୟାଗଡ଼**
- ତୁମ ତୂଳୀ ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହେଉଛି।
  **– ମନୋଜ ରାଉତ, ନିମାପଡ଼ା, ପୁରୀ**
- କହିଲ ଦେଖି ପଢ଼ିବାକୁ ଭଲ ଲାଗୁଛି।
  **– ବିଜୟ କୁମାର ସାହୁ, ପାତ୍ରପଡ଼ା, ଭୁବନେଶ୍ୱର**

# ରଙ୍ଗ ଦିଅ





# କିପରି ପାଳିବେ ନୂଆ ବର୍ଷ

ଆଉ ଦିନ କେଇଟା ପରେ ପାଦ ଥାପିବ ନୂଆ ବର୍ଷ । ଚାରିଆଡ଼େ ଭରିଲାଣି ଉତ୍ସାହ। ନୂଆବର୍ଷକୁ ସ୍ୱାଗତ ପାଇଁ ଚାଲିଲାଣି ପ୍ରସ୍ତୁତି। ଆଉ ଏହିଦିନ ଲାଗି ପିଲାଙ୍କ ଖୁସି କହିଲେ ନ ସରେ। ଏଥର ନୂଆ ବର୍ଷକୁ କିପରି ପାଳନ କରିବେ ସେ ସମ୍ପର୍କରେ କେତେକ ପିଲା ଯାହା କୁହନ୍ତି...

## ଜଗନ୍ନାଥଙ୍କୁ ଦର୍ଶନ କରିବି

ପ୍ରତିବର୍ଷ ନୂଆ ବର୍ଷ ପାଇଁ ପୂର୍ବରୁ ସ୍ୱତନ୍ତ୍ର ଯୋଜନା କରିଥାଏ। ଏହି ଦିନ ଆମେ ସପରିବାର ପୁରୀ ଯାଇଥାଉ। ଏହି ଧାରା ଗତ କିଛି ବର୍ଷ ହେଲା ଚାଲିଆସିଛି। ତେଣୁ ଏବର୍ଷ ମଧ୍ୟ ଏହି ଶୁଭ ଦିନରେ ମୁଁ ପ୍ରଥମେ ଜଗନ୍ନାଥଧାମ ଯିବି। ସେଠାରେ ତିନି ଠାକୁରଙ୍କୁ ଦର୍ଶନ କରିବି।



୨୦୨୫ କିପରି ଆମ ପାଇଁ ନୁହେଁ, ସମସ୍ତଙ୍କ ଲାଗି ଏକ ଖୁସିର ବର୍ଷ ହେଉ ତାହା ମୁଁ ପ୍ରାର୍ଥନା କରିବି। ମୋ ପାଠପଢ଼ା ଜୀବନରେ ଯେମିତି ମୁଁ ସଫଳତା ହାସଲ କରେ, ସେଥିପାଇଁ ମଧ୍ୟ ପ୍ରାର୍ଥନା କରିବି। ପୁରୀ ବୁଲିଲା ପରେ ଆମେ କୋଣାର୍କ ଯିବାକୁ ସ୍ଥିର କରିଛୁ। ପ୍ରତିଥର ନୂଆ ବର୍ଷରେ ଆମେ ସାଙ୍ଗମାନେ ଏକାଠି ହୋଇ ଭୋଜି କରୁ। ତେଣୁ ଏଥର ମଧ୍ୟ ସେପରି ଯୋଜନା ରହିଛି। ଆଶା ରଖିଛି ଏହି ନୂଆ ବର୍ଷକୁ ମୁଁ ବେଶ୍ ଜାକଜମକରେ ପାଳନ କରିବି।....

**–ଦିବ୍ୟାଂଶ ପାଢ଼ୀ,** କ୍ଲାସ୍–୯,ଡିଏଭି ପବ୍ଲିକ୍ ସ୍କୁଲ୍, ଇଫ୍‌କୋ,ପାରାଦୀପ

## ପିକ୍‌ନିକ୍ ଯିବାକୁ ସ୍ଥିର କରିଛୁ

ଯେହେତୁ ଏବେ ପାଠପଢ଼ା ଚାଲିଛି, ତେଣୁ କୁଆଡ଼େ ବୁଲିବାକୁ ସମୟ ମିଳୁନାହିଁ। ଯାହା ଛୁଟିରେ କୁଆଡ଼େ ବୁଲି ଯିବା କଥା। ଏଥର ନୂଆ ବର୍ଷରେ ଆମର ଫ୍ୟାମିଲି ପିକ୍‌ନିକ୍ ଯୋଜନା ରହିଛି। ଏବର୍ଷ ଏକ ଭଲ ପିକ୍‌ନିକ୍ ସ୍ପଟ୍ ଚୟନ କରିବୁ। ସେଠାରେ ତ ଭୋଜିଭାତ ହେବ। ତା'ସହ ସାଙ୍ଗମାନଙ୍କ ସହ ବହୁତ ମଜା ହେବ। ପ୍ରତିବର୍ଷ ନୂଆ ବର୍ଷର ପ୍ରଥମ ଦିନରେ ମୁଁ ସକାଳୁ ଉଠି ଗାଧୋଇ ପ୍ରଥମେ ମାମା–ବାପା ଏବଂ ଘରର ଗୁରୁଜନଙ୍କୁ ପ୍ରଣାମ କରି ଆଶୀର୍ବାଦ ନିଏ। ତା'ପରେ ଘର ପାଖରେ ଥିବା ମନ୍ଦିରକୁ ଯାଇ ପୂଜା କରିଥାଏ। ଏଥର ନୂଆ ବର୍ଷକୁ ଯେତେସମ୍ଭବ ସ୍ମରଣୀୟ କରିବାକୁ ଚେଷ୍ଟା କରିବି।



**–ସାଦ୍ୟାନ୍ତ ଶତପଥୀ,** କ୍ଲାସ୍–୬,ମଦର୍ସ ପବ୍ଲିକ୍ ସ୍କୁଲ,ପୁରୀ

## ନନ୍ଦନକାନନ ବୁଲିବାକୁ ଯିବି

ଏଥର ନୂଆ ବର୍ଷ ଦିନ ନନ୍ଦନକାନନ ଚିଡ଼ିଆଖାନା ବୁଲିବାକୁ ଯିବି। ନିକଟରେ ଏ ସମ୍ପର୍କରେ ମୁଁ ଯେତେବେଳେ ମାମାଙ୍କୁ କହିଲି, ସେ ରାଜି ହୋଇଗଲେ। ତେଣୁ ସେହିଦିନ ସକାଳୁ ଆମେ ନନ୍ଦନକାନନ ବାହାରି ଯିବୁ। ସେଠାରେ ବୁଲାବୁଲି ହେବ। ଏଥର ବୁଲିବା ସମୟରେ ସେଠାରେ ରହୁଥିବା ବିଭିନ୍ନ ପ୍ରକାର ବିରଳ ପ୍ରାଣୀଙ୍କର ଜୀବନ ଇତିହାସ ବିଷୟରେ ନୋଟ୍ କରିବି ବୋଲି ସ୍ଥିର କରିଛି। କାରଣ ପ୍ରାଣୀଙ୍କ ବିଷୟରେ ଅଧିକ ଜାଣିବା ପାଇଁ ମୋର ଆଗ୍ରହ ରହିଛି। ତେଣୁ ଏଥର ମୋର ଏହି ଯୋଜନାକୁ ଆଉ କିଛି ବାଟ ଆଗେଇ ନେବି। ସେଠାରେ ବୁଲାବୁଲି କରିବା ସହ ବଣଭୋଜିର ଆୟୋଜନ କରିବାର ଯୋଜନା ରହିଛି। ତେଣୁ ଏଥର ନୂଆ ବର୍ଷ ବେଶ୍ ଖୁସିରେ କଟିବ ବୋଲି ଆଶା ରଖିଛି।



**–ଇତିଶ୍ରୀ ସାହୁ,** କ୍ଲାସ୍–୭,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ତୁଳସୀପୁର,କଟକ

## ମିଡ୍–ନାଇଟ୍ ସେଲିବ୍ରେଶନ ଯୋଜନା ରହିଛି

ଏଥର ନୂଆବର୍ଷକୁ ଏକ ଭିନ୍ନ ଢଙ୍ଗରେ ପାଳନ କରିବାକୁ ଆମେ କେଇଜଣ ସାଙ୍ଗ ସ୍ଥିର କରିଛୁ। ପ୍ରତିବର୍ଷ ଏହି ଦିନ ଆମେ ସକାଳୁ ଉଠି ପରସ୍ପରକୁ ନୂଆ ବର୍ଷର ଅଭିନନ୍ଦନ ଜଣାଇଥାଉ। ତା'ସହ ସମସ୍ତଙ୍କ ଘରକୁ ଯାଇ ଗୁରୁଜନଙ୍କର ଆଶୀର୍ବାଦ ନେଉ। କାରଣ ସେମାନଙ୍କ ଆଶୀର୍ବାଦ ଆମକୁ ଆଗକୁ ନେବାରେ ଅନେକ ସାହାଯ୍ୟ କରିଥାଏ। ଏଥର ନୂଆ ବର୍ଷକୁ ଆମେ ମିଡ୍–ନାଇଟ୍‌ରେ ସ୍ୱାଗତ କରିବୁ। ତେଣୁ ସେଥିପାଇଁ ମୁଁ ମୋ ଷ୍ଟଡିରୁମ୍‌କୁ ଭଲ ଭାବରେ ସଜାଇବି। ଏହି ସମୟରେ ଦେଶାତ୍ମବୋଧକ ସଙ୍ଗୀତର ତାଳେ ତାଳେ ଆମେ ନ୍ୟୁ ଇୟରକୁ ୱେଲ୍‌କମ୍ କରିବୁ। ଏଥିପାଇଁ ମୁଁ ଏବଂ ମୋର ପ୍ରାୟ ୧୦ଜଣ ସାଙ୍ଗ ଏକାଠି ହୋଇଛୁ। ଠିକ୍ ରାତି ୧୨ଟାରେ ଆମର ଏହି ସେଲିବ୍ରେଶନ ଆରମ୍ଭ ହେବ। ନୂଆବର୍ଷ ଦିନ ରାତି ପାହିଲେ ସମସ୍ତେ ମିଶି ପୁରୀ ଯିବାକୁ ସ୍ଥିର କରିଛୁ। ତା'ସହ ରାତିରେ ଏକାଠି ହୋଇ ଭୋଜି କରିବୁ।



**–ଦିବ୍ୟାଂଶୀ ମହାନ୍ତି,** କ୍ଲାସ୍–୧୦,ସେଣ୍ଟ ଜାଭିୟର ହାଇସ୍କୁଲ, କେଦାରଗୌରୀ,ଭୁବନେଶ୍ୱର

## ବୃକ୍ଷରୋପଣ ଯୋଜନା ରଖିଛୁ

ଏଥର ନୂଆବର୍ଷରେ ମୁଁ ଏକ ନୂଆ ଯୋଜନା ରଖିଛି। ଆମ ବାଡ଼ିରେ କିଛି ବୃକ୍ଷରୋପଣ ପାଇଁ ସ୍ଥିର କରିଛି। କେବଳ ମୁଁ ନୁହେଁ, ମୋର କେତେଜଣ ସାଙ୍ଗ ମଧ୍ୟ ନିଜ ନିଜ ବାଡିରେ ଗଛ ଲଗାଇବାକୁ ମନ ବଳାଇଛୁ। କାରଣ ବର୍ତ୍ତମାନ ବୃକ୍ଷରୋପଣ ଦ୍ୱାରା ହିଁ ଆମେ ପରିବେଶକୁ କେତେକାଂଶରେ ପ୍ରଦୂଷଣମୁକ୍ତ ରଖିପାରିବା। ଏଥର ଆମ ଗାଁ କ୍ଲବରେ ନୂଆ ବର୍ଷ ଅବସରରେ ବୃକ୍ଷରୋପଣ ନେଇ ଏକ ବକ୍ତୃତା ପ୍ରତିଯୋଗିତା ହେବାର ଅଛି। ସେଥିରେ ମଧ୍ୟ ମୁଁ ଭାଗ ନେବି। ତା'ସହ ସକାଳୁ ଉଠି ମୁଁ ମାମା–ବାପାଙ୍କ ଆଶୀର୍ବାଦ ନେବି। ଏହି ଦିନ ସକାଳୁ ମଧ୍ୟ ମନ୍ଦିର ଯାଇ ଠାକୁରଙ୍କୁ ପୂଜା କରି ତାଙ୍କର ଆଶିଷ ଭିକ୍ଷା କରିବି।



**–ସାଇ ସାଗର ସାମଲ,** କ୍ଲାସ–୧୦,ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟ,ପୁରୀ



# କଳିକା

ଚଳିତବର୍ଷ ପିଲାଙ୍କ ଧରିତ୍ରୀରେ ଅନେକ କୁନି କୁନି ମଡେଲଙ୍କ ଫଟୋ ପ୍ରକାଶ ପାଇଛି। ସେଥି ମଧ୍ୟରୁ ନିର୍ବାଚିତ କେତେକ ମଡେଲଙ୍କ ଫଟୋକୁ ଏଠାରେ ସ୍ଥାନିତ କରାଯାଉଛି...


ନୈବେଦ୍ୟା ମହାନ୍ତି
ଆରିତ୍ରୀ ପାତ୍ର
ସମର୍ଥ
ଶ୍ରୀୟା ସମୃଦ୍ଧି
ଗାରିମା ମୁଦୁଲି


ଦେବାଂଶୀ ପଟ୍ଟନାୟକ


ଶିବାଂଶ ପାତ୍ର
ପୂରବ ବଳିୟାରସିଂହ
ଦିବ୍ୟାଂଶୀ ଦାସ
ପୀୟୂଷ ତ୍ରିପାଠୀ




# କବିତା

## ନବବର୍ଷ

ଆସିଗଲା ନୂଆ ବରଷ ପରା
ଆନନ୍ଦ ମୁଖର ଦିଶଇ ଧରା ।
ନୂଆ ନୂଆ ଆଶା ଆନନ୍ଦ ନେଇ
ନୂଆ ବରଷଟା ଆସେ ପାଖେଇ ।
ବିଲ, ବଣ, ନଈ, ପାହାଡ଼, ଝର
ନୂଆ ପରଶରେ ଆତ୍ମବିଭୋର ।
ଗାଁଠାରୁ ବଡ଼ ସହର ଯାଏ
ସଭିଏଁ ପାଳନ୍ତି ନିଜ ଖୁସିରେ ।
ପ୍ରଭାତ ଆଳତି, ଘଣ୍ଟନାଦରେ
ନୂଆ ବରଷକୁ ସ୍ୱାଗତ କରେ ।
ଭୋଜିଭାତ ଆଉ ଭ୍ରମଣ ପାଇଁ
ଯୁବଗୋଷ୍ଠୀ ଏବେ ସଜ ହେଲେଣି ।
ଆକାଶ, ପବନ, ଜଳ ଓ ସ୍ଥଳ
ନୂଆ ନୂଆ ଦିଶେ ଦିଗ ସକଳ ।
ମହାପ୍ରଭୁଙ୍କର ଦର୍ଶନ ପାଇଁ
ଆଶିଷ ପାଇଁକି ଭିଡ଼ ଲାଗଇ ।
ଅତୀତର ତିକ୍ତ, ବିଦ୍ୱେଷ ଭାବ
ଦୂର କରିଦେଇ ସରବେ ଆଗ ।
ସବୁରି ମୁଖରେ ଉଲ୍ଲାସ ଭରୁ
ନୂଆ ବରଷର ଆଶା ନ ସରୁ ।

**– ପୁଷ୍ପଲତା ମହାନ୍ତି**
ମୋ: ୯୬୫୮୦୭୭୧୦୧

## ଇଂରାଜୀ ନୂଆବର୍ଷ

ନୂଆ ବରଷଟା ଆସୁଚି
କୁନି ପୁଅ ରାଜା ପିଲାଙ୍କ ସାଙ୍ଗରେ
ଖେଳୁଅଛି କେଡ଼େ ବଢ଼ିଆ ବାଗରେ
ଆକାଶରେ ଗୁଡ଼ି ଭାସୁଚି ।
ଆଈବୁଢୀ ଧୀରେ କାଶୁଚି
ବେଳ ବୁଡ଼ିଗଲେ ପିଲାଙ୍କ ପାଖରେ
ଆଈମା' ପେଡି ଖୋଲୁଛି
ଗପ କହି ଶୀତ ନାଶୁଚି ।
ଘରେ ନାନା ପିଠା ବାସୁଚି
ଇଏ ସିନା ଆମ ବିଦେଶୀ ପରବ
ପଣା ସଂକରାନ୍ତି ଆମର ଗରବ
ଅସଲ ଓଡ଼ିଆ କହୁଚି ।

**– ଅପର୍ଣ୍ଣା ସାହୁ**
ହଂସପାଳ, ଭୁବନେଶ୍ୱର
ମୋ: ୮୭୫୮୧୦୩୮୬୯

## ନୂଆ ବରଷ

ନୂଆବୋହୂ ପରି ଥିରି ଥିରି ପାଦେ
ଆସିଲାଣି ନୂଆ ବରଷ
ସବୁରି ମୁହଁରେ ଭରି ଦେଲା ଆଣି
ସୁଖ ସପନର ହରଷ ।
ନୂଆ ସକାଳର ନୂଆ ସୂରୁଯଟି
ଥିରି ଥିରି ଉଇଁଲାଣିରେ
ପତର ଫାଙ୍କରେ ଟିକି ଫୁଲଟିଏ
କିରିକିରି ହସିଲାଣିରେ ।
ନୂଆ ଚିନ୍ତାଧାରା ନୂତନ ଭାବନା
ନୂଆ ନୂଆ ଆଶା ନେଇଟି
ଆଗକୁ ଆଗକୁ ପାଦ ପକେଇବା
ପଛକୁ ଚାହିଁବା ନାହିଁଟି ।
ନୂଆ ବରଷରେ ଶପଥ ନେବାରେ
କରିଯିବା ଭଲ କାମକୁ
ରାଗ ରୋଷ ସବୁ ମନୁ ଭୁଲିଯାଇ
ବାଣ୍ଟିବାରେ ସ୍ନେହ ପ୍ରେମକୁ ।
ନୂଆ ବରଷଟା ହେଉ ସୁଖମୟ
ପ୍ରଭୁଙ୍କ ପାଖରେ ଅଳିକି
ସବୁ ଇଚ୍ଛା ଆମ ପୂରଣ କରନ୍ତୁ
ଦିନ ଯାଉ ହସି ଖେଳିକି ।

**– ପ୍ରକାଶ କୁମାର ଚାନ୍ଦ**
ଜୟପୁରଶାସନ, ପିପିଲି, ପୁରୀ
ମୋ: ୯୮୫୩୩୫୪୯୩୮

## ଆସିଅଛି ନୂଆ ବରଷ

ଆସିଅଛି ନୂଆ ବରଷ
ଦେବା ପାଇଁ ପ୍ରୀତି ପରଶ ।
ଖେଳିଯାଏ ଖୁସି ସୁବାସ
ଶୁଭେ ଶୁଭେଚ୍ଛାର ସୁଭାଷ ।
ପୁରୁଣା ଦିନକୁ ଭୁଲିବା
ବଣଭୋଜି ପାଇଁ ବୁଲିବା ।
ସାଙ୍ଗସାଥି ମେଳେ ବସିବା
ପ୍ରାଣ ଖୋଲି ଆମେ ହସିବା ।
ଭୋଜିଭାତ କରି ଖାଇବା
ଆନନ୍ଦରେ ଗୀତ ଗାଇବା ।
ଅନ୍ୟର କଷଣ ହରିବା
ଭଲକାମ ଆମେ କରିବା ।
ପ୍ରଭୁ ପାଦେ ନେବା ଶରଣ
ନହେବ ଅକାଳ ମରଣ ।
ନୂଆ ଭାବ ଭରି ଅନ୍ତରେ
ହୋଇବା ସୌଭାଗ୍ୟବନ୍ତରେ ।

**– ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ଯାଜପୁର, ମୋ: ୯୪୩୭୮୬୫୭୨୭

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ପଛୁଆ ଡ୍ରାଇଭିଂ

ପଛୁଆ ବସି ମୋଟରସାଇକେଲ ଚଳାଇବା ହୁଏତ ସାଧାରଣ ଲୋକଙ୍କ ପାଇଁ ଅସମ୍ଭବ ମନେ ହୋଇପାରେ । ହେଲେ କେତେକେ ଏଭଳି ଗାଡ଼ି ଚଳାଇବା ଅଭ୍ୟାସ ବି କରିଥାନ୍ତି । ଏମିତିଭାବେ ଗାଡି ଚଳାଇ ଏବେ ଗିନିଜ୍ ରେକର୍ଡ କରିଛନ୍ତି ସୁବେଦାର ପ୍ରଦୀପ ଏସ୍ଏସ୍ । ସବୁଠୁ ଦୀର୍ଘ ସମୟ ପଛୁଆ ଗାଡି ଚଳାଇ ସେ ଏହି ରେକର୍ଡ କରିଛନ୍ତି । ସେ ମୋଟ ୩୬୧.୬ କିଲୋମିଟର ପଛୁଆ ଗାଡି ଚଳାଇଛନ୍ତି । ଡିସେମ୍ବର ୧୦ ତାରିଖରେ ଆର୍ମି ସର୍ଭିସ କର୍ପ ଡେ ପାଳନ ସମୟରେ ଟର୍ନାଡୋ ଟିମ୍ ଏଭଳି ବହୁ ଦୁଃସାହସିକ କାର୍ଯ୍ୟକ୍ରମ ଦେଖାଇଥିଲେ । ଟର୍ନାଡୋ ଟିମ୍‌ରେ ସାମିଲ ହୋଇ ଏଭଳି ଷ୍ଟଣ୍ଟ ଦେଖାଇଥିଲେ ପ୍ରଦୀପ । ତାଙ୍କ ପୂର୍ବରୁ ସ୍ୱିଡେନ୍‌ର ମାଗସ୍ କାର୍ଲସନ୍‌ଙ୍କ ନାମରେ ଏହି ରେକର୍ଡ ରହିଥିଲା । ସେ ୩୦୬ କିଲୋମିଟର ମୋଟରସାଇକେଲ ଚଳାଇଥିଲେ । ପ୍ରଦୀପ ସକାଳ ୬ଟା ୩୦ ମିନିଟ୍‌ରୁ ଅପରାହ୍ନ ୪ଟା ୩୦ ମିନିଟ୍ ମଧ୍ୟରେ ଏହି ରାସ୍ତା ଅତିକ୍ରମ କରିଥିଲେ ଓ ତାଙ୍କର ଘଣ୍ଟା ପ୍ରତି ବେଗ ଥିଲା ୪୦ କିଲୋମିଟର ।



## ଏଥରର

- କେଉଁ ଦେଶର ଜାତୀୟ ପତାକା ଚାରିକୋଣିଆ ନୁହେଁ ?
- କେଉଁ ଦେଶର ଲୋକେ ସର୍ବାଧିକ କଫି ବ୍ୟବହାର କରନ୍ତି ?
- ସୁନାମୀ ଶବ୍ଦଟି କେଉଁ ଭାଷାର ?
- ଭାରତର କେଉଁ ରାଜ୍ୟରେ ସର୍ବାଧିକ ଲମ୍ବା ସମୁଦ୍ର ଉପକୂଳ ରହିଛି ?
- ଭାରତର ସବୁଠୁ ବଡ ଡ୍ୟାମ୍‌ର ନାମ ?




## ଗତଥରର

- ରିଷଭନାଥ
- ପୁଲକେସିନ
- ଆନ୍ଧ୍ରପ୍ରଦେଶ
- କର୍ନାଟକ
- ମଣିପୁର

## କହିଲ ଦେଖି

ଡିସେମ୍ବର ମାସ ଯେବେ ସରଇ
ଧରଣୀ କୋଳରେ ସିଏ ହସଇ
ନିଶାର୍ଦ୍ଧରେ ଶୁଭେ ବାଣ ଶବଦ
ସଭିଏଁ କରନ୍ତି ତାକୁ ସ୍ୱାଗତ
ମସିହା ବଦଳେ ତା'ଆଗମନେ
ଖୁସି ଭରିଦିଏ ସଭିଙ୍କ ପ୍ରାଣେ
ବଣଭୋଜି ସାଥେ ନାଚ ଓ ଗୀତ
ସାରା ବିଶ୍ୱରେ ସେ ହୁଏ ପାଳିତ
ଏବେ କୁହ ସେଇ ଦିନର ନାମ
ଯିଏ କହିଦେବ ଚତୁର ଜାଣ ।




**ଉତ୍ତର– ନୂଆ ବର୍ଷ**

ବାରମାସ ପରେ ବଦଳିଯାଏ
ନୂଆବର୍ଷ ହେଲେ ସେ ଦେଖାଦିଏ
କାଗଜରେ ଗଢା ତା'ର ଶରୀର
ସଭିଏଁ କରନ୍ତି ତାକୁ ଆଦର
ଦିନ ବାର ପୁଣି ବିବାହ ବ୍ରତ
ସୂଚେଇ ଦିଏ ସେ ସରାଗେ ମିତ
ସଭିଙ୍କ କାନ୍ଥରେ ସେ ଶୋଭାପାଏ
କହିପାରିବ କି ତା'ନାମ କିଏ ?




**ଉତ୍ତର– କ୍ୟାଲେଣ୍ଡର**

ନୂତନ ବରଷ ଯେବେ ଆସଇ
ହାଟ ବଜାରରେ ସିଏ ମିଳଇ
କାଗଜରେ ଗଢା ତା'ର ଶରୀର
ଦେଖିବାକୁ ତା'ର ରୂପ ସୁନ୍ଦର
ଶୁଭେଚ୍ଛା ବାରତା ତା'ଦେହେ ଥାଏ
ହସ ଖୁସି ପାଇଁ ପ୍ରେରଣା ଦିଏ
ସାଙ୍ଗ ସାଥୀ ଅବା ଆତ୍ମୀୟ ଜନେ
ପଠାନ୍ତି ତାହାକୁ ହରଷ ମନେ
ଯିଏ କହିଦେବ ତାହାର ନାମ
ନୂଆବର୍ଷ ଭେଟି ମିଳିବ ଜାଣ ।




**ଉତ୍ତର– ଗ୍ରୀଟିଂସ୍ କାର୍ଡ**

**– ସ୍ୱୟଂପ୍ରଭା ବେହେରା**
ବିଡାନାସୀ, କଟକ
ମୋ: ୯୭୭୭୫୨୯୨୭୬





# ନୂଆ ବର୍ଷ : କିଛି କଥା

*ନୂଆ ବର୍ଷର ପ୍ରାରମ୍ଭ ପ୍ରଥମେ ପ୍ରାଚୀନ ମେସୋପଟାମିଆର ଏକ ନଗର ବେବିଲୋନ୍‌ରେ ଆରମ୍ଭ ହୋଇଥିଲା ।

*ବେବିଲୋନ୍‌ର ଲୋକମାନେ ପ୍ରଥମେ ନୂଆବର୍ଷକୁ ପାଳନ କରିଥିଲେ । ଏହା ପାଖାପାଖି ୪୦୦୦ ବର୍ଷ ପୂର୍ବର କଥା ।

*ପ୍ରାଚୀନ କାଳରେ ନୂଆ ବର୍ଷକୁ ପ୍ରାୟ ୧୧ଦିନ ପର୍ଯ୍ୟନ୍ତ ପାଳନ କରାଯାଉଥିଲା ।

*ଚାଇନା ଏମିତି ଏକ ଦେଶ, ଯେଉଁଠାରେ ପ୍ରତିବର୍ଷ ନୂଆ ବର୍ଷର ତାରିଖ ବଦଳିଥାଏ । ଗତ ବର୍ଷ ଚାଇନାରେ ନ୍ୟୁ ଇୟର ଫେବୃଆରୀ ୧ରେ ହୋଇଥିଲା ।

*ପିଲାଏ ଜାଣିଛ କି ପଞ୍ଜାବରେ (ଶିଖ୍‌ଧର୍ମର ଲୋକ) ବୈଶାଖୀ ରୂପରେ ନୂଆ ବର୍ଷ ୧୩ରୁ ୧୪ ଏପ୍ରିଲକୁ ସେଲିବ୍ରେଟ୍ କରିଥା'ନ୍ତି, ଯାହାକୁ ଲୋକମାନେ ସୋଲାର ନ୍ୟୁ ଇୟର କହିଥା'ନ୍ତି ।

* ଜୁଲିୟନ୍ କ୍ୟାଲେଣ୍ଡର ଲାଗୁ ହେବା ପରେ ପ୍ରଥମ ଥର ୧ ଜାନୁଆରୀରେ ନୂଆ ବର୍ଷ ପାଳନ ହୋଇଥିଲା ।

*ଜାନୁଆରୀକୁ ନୂଆ ବର୍ଷ ବୋଲି ରୋମାନ୍ ସିନେଟ୍ ଘୋଷଣା କରିଥିଲା ।

*ନୂଆ ବର୍ଷକୁ ଧୁମ୍‌ଧାମ ପାଳନ କରିବାରେ ଅଷ୍ଟ୍ରେଲିଆର ସିଡ୍‌ନୀ ବ୍ୟତୀତ ଲସ୍ ଭେଗାସ୍, ଡିଜ୍ନୀ ୱାର୍ଲ୍ଡ ଏବଂ ନ୍ୟୁୟର୍କ ସହର ପ୍ରସିଦ୍ଧ ।

* ଦୁବାଇରେ ଥିବା ବୁର୍ଜ ଖଲିଫାରେ ନୂଆ ବର୍ଷ ସେଲିବ୍ରେସନ ସମୟରେ ସବୁଠାରୁ ଦାମୀ ଆତସବାଜି ଫୁଟାଯାଇଥାଏ ।

*ଡିସେମ୍ବର ୩୧ ମଧ୍ୟରାତ୍ରିରୁ ନୂଆ ବର୍ଷ ଆଗମନ ପର୍ଯ୍ୟନ୍ତ ଜାପାନର ସମସ୍ତ ବୌଦ୍ଧ ମନ୍ଦିରରେ ପାଖାପାଖି ୧୦୮ଥର ଘଣ୍ଟି ବଜା ଯାଇଥାଏ ।

# ବର୍ଷକ ତେରମାସ








ସାଧାରଣତଃ ଏକ ବର୍ଷ ହେଉଛି ୧୨ ମାସ । ଏହି ଧାରା କାହିଁ କେବେଠାରୁ ପ୍ରଚଳିତ । କିନ୍ତୁ ପୃଥିବୀରେ ଏମିତି ଏକ ଦେଶ ଅଛି, ଯେଉଁଠି ବର୍ଷକ ତେରମାସ ହୋଇଥାଏ । ଏହି ଦେଶ ଅନ୍ୟ ସବୁ ଦେଶଠାରୁ ଟିକେ ସ୍ୱତନ୍ତ୍ର । କାରଣ ସାଧାରଣ ବର୍ଷଠାରୁ ଏହି ଦେଶ ୭ବର୍ଷ ପଛରେ ଚାଲୁଛି । ଉକ୍ତ ଦେଶଟିର ନାମ ଇଥିଓପିଆ । ଏହି ଦେଶରେ ବର୍ତ୍ତମାନ ୨୦୨୪ ନୁହେଁ, ୨୦୧୭ ବର୍ଷ ଚାଲୁଛି । ଇଥିଓପିଆ ଆଫ୍ରିକାର ସବୁଠାରୁ ସୁନ୍ଦର ଦେଶ ଭାବରେ ଗଣନା କରାଯାଏ । ଏଠାରେ ମହଲ, ମରୁଭୂମିରେ ଦୁର୍ଲଭ ଜୀବନ ଏବଂ ବିବିଧ ଆକର୍ଷଣୀୟ ସ୍ଥାନ ମାନ ରହିଛି । ଏହି ଦେଶରେ ଗ୍ରେଗୋରିୟାନ୍ କ୍ୟାଲେଣ୍ଡର ପ୍ରଚଳିତ । ତେଣୁ ସେହି ଗଣନା ଅନୁସାରେ ଇଥିଓପିଆ ବିଶ୍ୱର ଅନ୍ୟଦେଶଠାରୁ ସାତବର୍ଷ ପଛରେ ଚାଲିଛି ।


# ଜଙ୍ଗଲ ନ ଥିବା ଦେଶ

ବିଶ୍ୱରେ ଏମିତି ଏକ ଦେଶ ଅଛି ଯେଉଁଠି ଆଦୌ ଜଙ୍ଗଲ ଦେଖିବାକୁ ମିଳି ନ ଥାଏ । ଉକ୍ତ ଦେଶଟି ହେଲା କାତାର । ଏହାର ଭୌଗୋଳିକ ସ୍ଥିତି ଯୋଗୁ ସେଠାରେ ବୃକ୍ଷଲତା ସୃଷ୍ଟି ହୋଇପାରେ ନାହିଁ । ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ଏହି ଦେଶଟି ଏକ ସମୃଦ୍ଧଶାଳୀ ଦେଶ । ଏହାର ଆର୍ଥିକ ସ୍ଥିତି ମୁଖ୍ୟତଃ ଗ୍ୟାସ୍ ଏବଂ ତୈଳ ଉଦ୍ୟୋଗ ଉପରେ ନିର୍ଭର କରିଥାଏ । ତେବେ ଏଠାକାର ଲୋକମାନେ ବହୁତ ଆରାମଦାୟକ ଜୀବନ ଅତିବାହିତ କରିଥାନ୍ତି । ପ୍ରକୃତରେ ଦେଖିବାକୁ ଗଲେ ଏଠାରେ ଥିବା ବାୟୁମଣ୍ଡଳ ଶୁଷ୍କ ଏବଂ ବର୍ଷା କମ୍ ହୁଏ । ଏଥିପାଇଁ ଏଠାରେ ତାପମାତ୍ରା ବହୁତ ଅଧିକ ରହିଥାଏ । ଯେଉଁଠି ଗଛଲତାଙ୍କୁ ବଞ୍ଚିରହିବାକୁ ବହୁତ କଷ୍ଟ ହୋଇଥାଏ । କାତାରର ବହରହାଲର ଅଧିକାଂଶ ଭାଗ ମରୁଭୂମି ।





୧




୨




୩



୪



୫



୬



୭



୮



୧

ଆରାଧ୍ୟା ପାଣିଗ୍ରାହୀ
କ୍ଲାସ୍- ୩, କାର୍ମେଲ ଇଂଲିଶ ମିଡିୟମ୍ ସ୍କୁଲ, ଖୋର୍ଦ୍ଧା

ସୋମ ଆଶୀର୍ବାଦ ତ୍ରିପାଠୀ
କ୍ଲାସ୍- ୭, ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଭୁବନେଶ୍ୱର



୨



୩

ସାଇ ଶ୍ରେୟାଂଶ ମହାନ୍ତି
କ୍ଲାସ୍-୨, ସାଇ ସ୍ମାର୍ଟ ସ୍କୁଲ, ପୁରୀ

ପଲାକ୍ଷ ନାୟକ
କ୍ଲାସ୍- ୩, ଆପିଜେ ସ୍କୁଲ, ସଲ୍ଟ ଲେକ୍, କୋଲକାତା



୪



୫

ଅର୍ପିତା ମହାରଣା
କ୍ଲାସ୍- ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡ଼ା, ପୁରୀ

ଶ୍ରେୟାନ ସାଇ ପ୍ରଧାନ
କ୍ଲାସ୍- ୨, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପୁରୀ



୬



୭

ମହାପ୍ରସାଦ ମୁଦୁଲି
କ୍ଲାସ୍- ୧୦, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଢେଙ୍କାନାଳ

ଦିଶା ସାମଲ
କ୍ଲାସ୍- ୫, ଭେଙ୍କଟେଶ୍ୱର ସ୍କୁଲ, ଯାଜପୁର ଟାଉନ୍, ଯାଜପୁର



୮